To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## ବୈଠକ ପୂର୍ବରୁ ଚୀନ ବିମାନରେ ସିଙ୍ଗାପୁର ପହଞ୍ଚିଲେ କିମ୍



R.N.I. No.-42041/83 Vol-15, Issue No.336, ଭଦ୍ରକ, ସୋମବାର, ୧୧, ଜୁନ୍ ୨୦୧୮ ■ Bhadrak, Monday, 11 June 2018 Rs. 2.00 Pages-8

## ଆତଙ୍କୀଙ୍କ ଯମଦୂତ ହିନ୍ଦୁସ୍ତାନୀ ସେନା

# ୬ ଆତଙ୍କୀ ନିହତ



### ସର୍ଚ୍ଚ ଅପରେସନ୍ ଜାରି

ଜମ୍ମୁ/କାଶ୍ମୀର,୧୦।୬ : ଆତଙ୍କବାଦୀଙ୍କ ପାଇଁ ଏବେ ହିନ୍ଦୁସ୍ତାନୀ ସେନା ଯମଦୂତ ସାଜିଛି କହିଲେ ଅତ୍ୟୁକ୍ତି ହେବନାହିଁ। ହିନ୍ଦୁସ୍ତାନୀ ସେନା ମନସ୍ଥିର କରିନେଇଛି ଯେ ଆତଙ୍କବାଦୀଙ୍କୁ କଳେବଳେ କୌଶଳେ ନିପାତ କରାଯିବ । ଏହି କ୍ରମରେ ରବିବାର ହିନ୍ଦୁସ୍ତାନୀ ସେନାକୁ ମିଳିଛି ବଡ଼ ସଫଳତା । ସୀମା ଉଲ୍ଲଂଘନ କରି ପ୍ରବେଶ କରୁଥିବା ୬ ଜଣ ଆତଙ୍କବାଦୀ ସୁରକ୍ଷାବଳଙ୍କ ଗୁଳିରେ ଟଳି ପଡ଼ିଛନ୍ତି । କୁପ୍‌ୱାଡ଼ା କେରନ ସେକ୍ଟରରେ ଏହି ଅପରେସନ୍ ହୋଇଛି । ବର୍ତ୍ତମାନ ସେଠାରେ ସେନା ପକ୍ଷରୁ ଅପରେସନ୍‌କୁ ଜୋରଦାର କରାଯାଇଛି । ଶନିବାର ବାନ୍ଦୀପୋରାରେ ଆତଙ୍କବାଦୀଙ୍କ ସହିତ ସେନାର ଗୁଳି ବିନିମୟ ହୋଇଥିଲା । ପନାର ଅଂଚଳରେ ଥିବା ଜଙ୍ଗଲରେ ଆତଙ୍କୀ ଲୁଚି ରହିଥିବା ନେଇ ସେନାକୁ ଖବର ମିଳିଥିଲା । ୧୪-ରାଷ୍ଟ୍ରୀୟ ରାଇଫଲ ତଲାସୀ ଅଭିଯାନ ଆରମ୍ଭ କରିଥିଲା । ଏହାରି ମଧ୍ୟରେ ଆତଙ୍କବାଦୀମାନେ ସୁରକ୍ଷାବଳଙ୍କ ଉପରେ ଗୁଳି ବର୍ଷା ଆରମ୍ଭ କରିଥିଲେ । ଏହା ପରେ ତତକ୍ଷଣାତ ଅତିରିକ୍ତ ସୁରକ୍ଷାବଳ ମଗାଯାଇଥିଲା । ଏସ୍‌ଓଜି ଓ ସିଆର୍‌ପିଏଫ୍ ଯବାନମାନେ ଜଙ୍ଗଲକୁ ଘେରାଉ କରିଥିଲେ । ଯଦ୍ୱାରା ଆତଙ୍କବାଦୀମାନେ ଆଉ ଖସି ଯାଇ ପାରି ନ ଥିଲେ । ଶେଷରେ ସେନାର ଗୁଳିରେ ପ୍ରାଣ ହରାଇଛନ୍ତି । ଆହୁରି କେତେକ ଆତଙ୍କୀ ଲୁଚି ରହୁଥିବା ଅନୁମାନ କରାଯାଉଥିବା ବେଳେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ଭାରତର ଏଭଳି ଆକ୍ରମଣରେ ଆତଙ୍କୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଏପରିକି ସେନା ପକ୍ଷରୁ ଏଠାରେ ସର୍ଚ୍ଚ ଅପରେସନ ଜାରି ରହିଛି । ଏପରିକି ଭାର

# ଚୀନ୍‌କୁ ମୋଦିଙ୍କ ଝଟ୍‌କା



### ଓବିଓଆର ପରିଯୋଜନାକୁ ସମର୍ଥନ ଦେଲେନାହିଁ

ନୂଆଦିଲ୍ଲୀ, ୧୦।୬ : କୂଟନୀତିରେ ମାହିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ପ୍ରମାଣ କରି ଦେଖାଇଛନ୍ତି ଯେ ସେ ପଡ଼ୋଶୀ ଦେଶ ସହ ସଂପର୍କ ସୁଧାରିବାରେ ଯେତିକି ତତ୍ପର ଠିକ୍ ସେହିପରି ଦେଶର ସୁରକ୍ଷା କ୍ଷେତ୍ରରେ କୌଣସି ପ୍ରକାର ସାଲିସ୍‌କୁ ସେ ବରଦାସ୍ତ କରନ୍ତିନି । ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମେଳନରେ ଭାଗ ନେବାକୁ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ୍‌ର ସବୁ ପ୍ରଚେଷ୍ଟା ସତ୍ତ୍ୱେ ମୋଦି ଜବରଦସ୍ତ ଝଟ୍‌କା ଦେଇଛନ୍ତି ।

ଚୀନ୍ ଦୀର୍ଘଦିନ ହେବ ନିଜର ମହତ୍ତ୍ୱାକାଂକ୍ଷୀ ୱାନ୍ ବେଲ୍ଟ ୱାନ୍ ରୋଡ୍ (ଓବିଓଆର୍) ପରିଯୋଜନାରେ ଭାରତକୁ ମନାଇବା ଲାଗି ପ୍ରୟାସ ଜାରି ରଖିଛି । କିନ୍ତୁ ଚୀନ୍‌କୁ ପ୍ରତିଥର ଭଳି ଏଥର ମଧ୍ୟ ବିଫଳତାର ମୁହଁ ଦେଖିବାକୁ ପଡ଼ିଛି । ଏସ୍‌ସିଓ ଶିଖର ସମ୍ମେଳନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ୍‌ର ଏହି ପରିଯୋଜନାକୁ ସମର୍ଥନ ଦେବାକୁ ମନା କରିଦେଇଛନ୍ତି । ଏଥିସହ ଚୀନ୍‌କୁ ପାରଦର୍ଶିତା ଓ ସଂପ୍ରଭୁତାର ସମ୍ମାନ କରିବାକୁ ପରାମର୍ଶ ଦେଇଛନ୍ତି । ଏସ୍‌ସିଓ ସଦସ୍ୟ ଦେଶରେ ଭାରତ କେବଳ ଗୋଟିଏ ମାତ୍ର ଦେଶ ଯିଏକି ଚୀନ୍‌ର ଏହି ପରିଯୋଜନାକୁ ସମର୍ଥନ ଦେଉନାହିଁ । ମୂଳ କାରଣ ଏହି ଯେ ଚୀନ୍‌ର ଏହି ପରିଯୋଜନା ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଦେଇ ଗତି କରୁଛି, ଯାହାକୁ ନେଇ ଭାରତ ତୀବ୍ର ବିରୋଧ ଜାରି ରଖିଛି । ଭାରତ ଏହାକୁ ନିଜ ଦେଶର ସଂପ୍ରଭୁତାର ଉଲ୍ଲଂଘନ ବିବେଚନା କରିଆସୁଛି । ଭାରତର କହିବାନୁଯାୟୀ ପିଓକେ ଭାରତର ଅଭିନ୍ନ ଅଂଶ ଯେଉଁଠାରେ କି ଭାରତର ଅନୁମତି ବିନା ଚୀନ୍ କୌଣସି ନିର୍ମାଣ କରିପାରିବ ନାହିଁ । **(ପୃଷ୍ଠା-୭)**

### ପାହାଡ଼ ଧସି ନିଖୋଜ ଘଟଣା

## ଜଣକର ମୃତ ଦେହ ଠାବ

ଭୁବନେଶ୍ୱର, ୧୦।୬ (ସକାଳ ଖବର): କୋରାପୁଟ ଜିଲ୍ଲାର ରାଣୀଗଡ଼ ପଥର କୁଆଁରୀର ତଳେ ଚାପି ହୋଇ ରହିଯାଇଥିବା ଦୁଇଜଣ ଜେସିବି ଅପରେଟରଙ୍କ ମଧ୍ୟରୁ ଜଣଙ୍କର ମୃତ ଦେହ ଠାବ କରାଯାଇଥିଲେ ହେଁ ତାହା ଉଦ୍ଧାର କରାଯାଇପାରିନାହିଁ । ସ୍ଥଳ ସେନାର ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଉଦ୍ଧାରକାର୍ଯ୍ୟ ଏଗାରଦିନ ହେଲା ଚାଲିଛି । ଆସନ୍ତା କାଲି ସୁଦ୍ଧା ମୃତଦେହ ଉଦ୍ଧାର କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି । ଠାବ ହୋଇଥିବା ମୃତକ ହେଉଛନ୍ତି ଘନଶ୍ୟାମ ଗୁରୁ ବୋଲି ସନ୍ଦେହ କରାଯାଉଛି । ସନ୍ଦେହରେ ତାଙ୍କ ପରିବାରକୁ ମୃତକକୁ ଚିହ୍ନଟ କରିବା ପାଇଁ ଡକାଯାଇଛି ।

## ସଲମାନଙ୍କୁ ହତ୍ୟା ଷଡଯନ୍ତ୍ର

ମୁମ୍ବାଇ, ୧୦।୬: ସଲମାନଙ୍କ ହତ୍ୟା ଯୋଜନାର ପର୍ଦ୍ଦାଫାସ ଗୁରୁଗ୍ରାମର ଏସଟିଏଫ ଟିମ କରିଛି । ବିଶନୋଇ



ଗ୍ୟାଙ୍ଗର ସାର୍ପ ସୁଟର ସମ୍ପତ ନେହେରା ପୋଲିସର ପଚରା ଉଚରାରେ କହିଛି କି, ସଲମାନଙ୍କୁ ତାଙ୍କ ଘର ବାଲକୋନିରେ ମାରିବାର ପ୍ଲାନିଂ ଥିଲା । ହରିୟାଣା ପୋଲିସର ଏସଟିଏଫ ଗତ ଜୁନ ୬ରେ ହାଇଦ୍ରାବାଦରୁ ସମ୍ପତ ନେହେରାକୁ ଗିରଫ କରାଯାଇଥିଲା । ସମ୍ପତ ନେହେରା ଉପରେ ୨ ଲକ୍ଷର ପୁରସ୍କାର ରଖାଯାଇଛି ଓ ସେ ବିସନୋଇ ଗ୍ୟାଙ୍ଗ ସହିତ ସମ୍ପର୍କ ରଖିଛି । ପୋଲିସ ମୁତାବକ ନେହାରା ମୁମ୍ବାଇ ଯାଇ ସଲମାନ ଖାନଙ୍କ ଯିବା ଆସିବା ସମୟ ଏବଂ ତାଙ୍କ ସୁରକ୍ଷାକର୍ମୀଙ୍କ ଗତିବିଧି ବିଷୟରେ ସୂଚନା ନେଉଥିଲେ । ନେହେରାଙ୍କ ବିରୁଦ୍ଧରେ ହତ୍ୟା, ଅପହରଣ, ଏବଂ ସୁପାରୀ ନେଇ ହତ୍ୟା କରିବା ଭଳି ୨ ଡର୍ଜନରୁ ଅଧିକ ମାମଲା ରହିଛି । ସୂଚନାଯୋଗ୍ୟ କି, ରାଜସ୍ଥାନର ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଶନୋଇ ଗତ ଜାନୁଆରୀ ୬ରେ ସର୍ବସାଧାରଣରେ ସଲାମାନ ଖାନଙ୍କ ଜୀବନରୁ ମାରିବାକୁ ଧମକ ଦେଇଥିଲେ । **(ପୃଷ୍ଠା-୭)**

## ହକି ମ୍ୟାଚ୍ ବେଳେ ବଜ୍ରପାତ

### ୩ ମୃତ, ୨ ଗୁରୁତର



ସୁନ୍ଦରଗଡ଼, ୧୦।୬ (ସକାଳ ଖବର): ହକି ମ୍ୟାଚ୍ ଚାଲିଥିବା ବେଳେ ବଜ୍ରପାତ ଘଟି ସୁନ୍ଦରଗଡ଼ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଛି । ତଳସରା ଥାନା ଶଙ୍କରାବାହାଲ ଗ୍ରାମରେ ଏହି ଅଘଟଣ ଘଟିଛି । ମୃତକଙ୍କ ମଧ୍ୟରେ ଅଛନ୍ତି ଦୁଇ ଭାଇ । ଆଜି ଅପରାହ୍ନରେ ଏଠାରେ ହକି ମ୍ୟାଚ୍ ଚାଲିଥିବା ବେଳେ ହଠାତ୍ ବର୍ଷା ଆସିଥିଲା । ବର୍ଷାରୁ ରକ୍ଷା ପାଇବା ପାଇଁ ଏକ ଗଛ ତଳେ ଖେଳାଳି ଓ ମ୍ୟାନେଜମେଂଟ ସଦସ୍ୟମାନେ ଆଶ୍ରୟ ନେଇଥିଲେ । ଏହି ସମୟରେ ବଜ୍ରପାତ ଘଟିଥିଲା । ଫଳରେ ଘଟଣାସ୍ଥଳରେ ତିନି ଜଣଙ୍କର ମୃତ୍ୟୁ ହେବା ସହ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ । ତିନି ମୃତକଙ୍କ ମଧ୍ୟରେ ଦୁଇ ଭାଇ ଥିବା ସୂଚନା ମିଳିଛି । ମୃତାହତଙ୍କ ନାମ ଓ ପରିଚୟ ମିଳିପାରିନାହିଁ ।

# ଧର୍ମେନ୍ଦ୍ର-ବିଜେଡି ମୁହାଁମୁହିଁ

**ମହାନଦୀ ପ୍ରସଙ୍ଗ**
- ଛତିଶଗଡ଼ ଉପରେ ଚାପ ସୃଷ୍ଟି କରାଯାଉ : ଧର୍ମେନ୍ଦ୍ର
- ନିର୍ମାଣାଧୀନ ବ୍ୟାରେଜ୍ ବନ୍ଦ କରିବା ପାଇଁ ପରାମର୍ଶ ଦେବେକି : ବିଜେଡି

## ଛତିଶଗଡ଼ ଭୁଲ୍ କରୁଛି : ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୬ (ସକାଳ ଖବର):ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଠାରେ ଏକ ପ୍ରେସ୍ ମିଟ୍‌ରେ ଛତିଶଗଡ଼ ମହାନଦୀ ପାଣିକୁ ଅଟକାଉଥିବା ସ୍ୱୀକାର କରିଛନ୍ତି ଏବଂ ମହାନଦୀ ଉପର ମୁଣ୍ଡରେ ପାଣି ଯେତିକି ଦେବା କଥା ତାକୁ ଛତିଶଗଡ଼ ଅଟକାଉଛି ବୋଲି ମଧ୍ୟ ସ୍ୱୀକାର କରିଛନ୍ତି । ଶ୍ରୀ ପ୍ରଧାନ ତାଙ୍କ ବିବୃତିରେ କହିଛନ୍ତି, ଛତିଶଗଡ଼ ସେଠାରେ ୨୦୦୦ ହେକ୍ଟର ତଳିଆ ଅଞ୍ଚଳ ଦେଖାଇ ଶିଳ୍ପ ସଂଗଠନ ପାଇଁ ପାଣି ଦେଉଛନ୍ତି ଏବଂ ସେଥିପାଇଁ ଓଡ଼ିଶାକୁ ପାଣି କମ୍ ଆସୁଛି। ଅଣ ମୌସୁମୀ ସମୟରେ ଓଡ଼ିଶାକୁ ଆବଶ୍ୟକ ପାଣି ମିଳୁନଥିବା ସେ



ସ୍ୱୀକାର କରିବା ସହିତ ଛତିଶଗଡ଼ ଏପରି କରି ଭୁଲ କରୁଛି ଓ ଏଥିରେ ଦ୍ୱିମତ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଛତିଶଗଡ଼ ଉପରେ ଚାପ ପକାଇବା ଦରକାର ଏବଂ ୩ରୁ ୪ମାସ ମଧ୍ୟରେ ଆମର ଆବଶ୍ୟକ ପାଣି ଛଡ଼ାଇ ଆଣିବା ଉଚିତ୍। ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ଏବଂ ସେ ସହଯୋଗର ହାତ ବଢ଼ାଇବେ ବୋଲି କହିଛନ୍ତି ।

## ଆନ୍ତରିକତା କମ୍ ଓ ବାଧବାଧକତା ବେଶୀ : ବିଜେଡି




ଭୁବନେଶ୍ୱର : ତେବେ ଧର୍ମେନ୍ଦ୍ରଙ୍କ ଏହି ଉକ୍ତି ପରେ ବିଜେଡି ନିଜର ପ୍ରତିକ୍ରିୟା ଦେଇଛି । ଧର୍ମେନ୍ଦ୍ରଙ୍କ ବିବୃତ୍ତିରେ ଆନ୍ତରିକତା କମ୍ ଓ ବାଧବାଧକତା ବେଶୀ ବୋଲି ଆଜି ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଦଳର ସାଧାରଣ ସଂପାଦକ ସଂଜୟ କୁମାର ଦାସବର୍ମା ଓ ମନ୍ତ୍ରୀ ଶଶୀଭୂଷଣ ବେହେରା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଦଳ ତରଫରୁ ତିନୋଟି ପ୍ରଶ୍ନ କରାଯାଇଥିଲା। ଶ୍ରୀ ଦାସବର୍ମା କହିଥିଲେ ଯେ ଯଦି ଶ୍ରୀ ପ୍ରଧାନଙ୍କର ଆନ୍ତରିକତା ଅଛି, ତେବେ ସେ ତୁରନ୍ତ ପ୍ରଧାନମନ୍ତ୍ରୀଙ୍କୁ ଭେଟି ନିଜର ସଂଘୀୟ ଦାୟିତ୍ୱ ତୁଲାଇ ଛତିଶଗଡ଼ ସରକାରଙ୍କୁ **(ପୃଷ୍ଠା-୭)**



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ



ହୁଣ୍ଡିର ଆୟ (୭.୬.୧୮)
୨,୫୨,୯୩୯

# ପୁଣି କୁହୁଳିଲା କଂଗ୍ରେସ କନ୍ଦଳ

## ୱାନ୍ ମ୍ୟାନ୍ ୱାନ୍ ପୋଷ୍ଟ ଫର୍ମୁଲା ମାନିବିନି : ସୁର

ଭୁବନେଶ୍ୱର, ୧୦।୬ (ସକାଳ ଖବର): ପୁଣି କଂଗ୍ରେସ କନ୍ଦଳ । ରାଜ୍ୟ କଂଗ୍ରେସରେ ପୁର୍ନଗଠନ ହେଉ ହେଉ ସୃଷ୍ଟି ହୋଇଛି କେଁ । ଘରେ ନ ପଶୁଣୁ ଚାଳ ବାଜିଲା । ଦଳର ୱାନ୍ ମ୍ୟାନ୍ ୱାନ୍ ପୋଷ୍ଟ ଫର୍ମୁଲାକୁ ମାନିବେ ନାହିଁ ବୋଲି ଖୋଲାଖୋଲି କହିଛନ୍ତି ନବ ନିର୍ବାଚିତ ଖୋର୍ଦ୍ଧା ଜିଲ୍ଲା ସଭାପତି ସୁର ରାଉତରାୟ । କେବଳ ସୁର ନୁହଁନ୍ତି, ଜିଲ୍ଲା ସଭାପତି ଚୟନକୁ ନେଇ ଅନେକ ସ୍ଥାନରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଏହି ଫର୍ମୁଲାକୁ ଦଳ ଭିତରୁ ବିରୋଧ ଆରମ୍ଭ ହୋଇଛି । ବରିଷ୍ଠ ନେତା ସୁର ରାଉତରାୟଙ୍କ ମନ୍ତବ୍ୟ କଂଗ୍ରେସର ସଂଘଠିତ ହେବା ଉଦ୍ୟମକୁ ପାଣିଚିଆ କରିଦେଇଛି । ଖୋର୍ଦ୍ଧା ଜିଲ୍ଲାର ସଭାପତି ନିଯୁକ୍ତ ହେଲା ପରେ ସୁର କହିଛନ୍ତି, ଜଟଣୀରେ ହାରିବା ପରଠୁ ଦିନରାତି ପରିଶ୍ରମ କରୁଛନ୍ତି । ଯଦି ନିର୍ବାଚନରେ ଛିଡ଼ା ହେବେନି ତେବେ ମୂଲ୍ୟ କ'ଣ? ବିଦ୍ରୋହ କରିବି ନାହିଁ । କିନ୍ତୁ ଛିଡ଼ା ହେବାକୁ କେହି ଅଟକାଇ ପାରିବେ ନାହିଁ । ଯଦି ୱାନ ମ୍ୟାନ୍ ୱାନ୍ ପୋଷ୍ଟ ନିୟମ ଲାଗୁ ହୁଏ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ରକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ନବ ଦାସ, ପ୍ରଦୀପ ମାଝୀ, ଭକ୍ତ ଦାସ ପ୍ରମୁଖ ମଧ୍ୟ ଟିକେଟ ପାଇବେନି ବୋଲି ସେ ଯୁକ୍ତି କରିଛନ୍ତି । କେବଳ ସୁର ନୁହନ୍ତି, ଅନ୍ୟ ଜିଲାରେ କୁହୁଳିବାକୁ ଆରମ୍ଭ କରିଛି ଅସନ୍ତୋଷର ନିଆଁ । କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଜିଲ୍ଲା ସଭାପତି ମିନାକ୍ଷୀ



ବାହିନୀପତିଙ୍କୁ ସିଧାସିଧା ଟାର୍ଗେଟ କରିଛନ୍ତି । ମିନାକ୍ଷୀଙ୍କୁ ସଭାପତି କରାଯିବା ଏକଦମ ବୃଥା ବୋଲି ସେ ମତ ଦେଇଛନ୍ତି । କୃଷ୍ଣଙ୍କ ମନ୍ତବ୍ୟ

### ଜିଲ୍ଲା ସଭାପତି ଚୟନକୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ

ଉପରେ ପ୍ରତିକ୍ରିୟା ରଖିଛନ୍ତି ମିନାକ୍ଷୀ । ସେ କହିଛନ୍ତି, ଯୋଗ୍ୟତା ଦୃଷ୍ଟିରୁ ମୋତେ ସଭାପତି କରାଯାଇଛି । ଏଭଳି ମତ ଦେବା ବିଧାୟକଙ୍କ କ୍ଷେତ୍ରରେ ଶୋଭା ଦେଉନାହିଁ । କେବଳ ଏହି ଦୁଇ ଘଟଣା ନୁହେଁ, ଅନେକ ଜିଲ୍ଲାରେ ନବ ନିଯୁକ୍ତ କାର୍ଯ୍ୟକାରୀ ସଭାପତିମାନେ କଂଗ୍ରେସ ସଭ୍ୟ ହୋଇ ନ ଥିବା କିମ୍ବା ପୂର୍ବରୁ କଂଗ୍ରେସ ବିରୋଧରେ ପ୍ରାର୍ଥୀ ହୋଇଥିବା ଅଭିଯୋଗ ହୋଇଛି । ଭୁବନେଶ୍ୱର କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ର ୨୦୧୪ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ିଥିବା ବେଳେ ତାଙ୍କୁ ଏବେ କାର୍ଯ୍ୟକାରୀ ସଭାପତି କରାଯାଇଛି । ଗତ ନିର୍ବାଚନରେ ବାଲେଶ୍ୱରରୁ ଦଳୀୟ ଟିକେଟ ନ ପାଇ କଂଗ୍ରେସ ପ୍ରାର୍ଥୀଙ୍କ ବିରୋଧରେ ଛିଡ଼ା ହୋଇଥିବା ମାନସ ଦାସ ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଭାପତି କରାଯିବାକୁ ଦଳର ଅନେକ ନେତା ନାପସନ୍ଦ କରୁଥିବା ଚର୍ଚ୍ଚା ହେଉଛି । ତେବେ ଜିଲା ସଭାପତିଙ୍କ ସହ କାର୍ଯ୍ୟକାରୀ ସଭାପତି ନିଯୁକ୍ତିକୁ ଅନେକ ନେତା ସ୍ୱାଗତ କରିଛନ୍ତି । ୩୩ଟି ସାଂଗଠନିକ ଜିଲ୍ଲାରେ ୭୮ଜଣ କର୍ମକର୍ତ୍ତାଙ୍କୁ ନେଇ ଏଆଇସିସିର ଅନୁମୋଦନ କ୍ରମେ ପିସିସି ସଭାପତି ଗଠନ କରିଛନ୍ତି ରାଜ୍ୟ କଂଗ୍ରେସର ଜିଲ୍ଲା କମିଟି । ତେବେ ଏହି ନୂଆ ଟିମ୍ ଆଗାମୀ ଦିନରେ ରାଜ୍ୟ କଂଗ୍ରେସକୁ କେଉଁ ଦିଶା ଦେଉଛି ତା' ଉପରେ ନଜର ରହିଛି ।

## ବାହାରିଲା ଜେଇଇ ଆଡଭାନ୍ସ

### ଓଡିଶା ଟପ୍ପର ହେଲେ ସାର୍ଥକ

ଭୁବନେଶ୍ୱର, ୧୦।୬ (ସକାଳ ଖବର): ପ୍ରକାଶ ପାଇଛି ଜେଇଇ ଆଡଭାନ୍ସ ୨୦୧୮ ରେଜଲ୍ଟ । ଚଳିତବର୍ଷ ରୁର୍କି ଜୋନ୍ ପ୍ରଣବ ଗୋୟଲ ସାରା ଦେଶରେ ଏକ ନମ୍ବର ରାଙ୍କ ହାସଲ କରିଛନ୍ତିଛ କଠିନ ପରିଶ୍ରମ, ବାପା ମାଆଙ୍କ ପ୍ରେରଣା ଓ ଶିକ୍ଷକଙ୍କୁ ସେ ତାଙ୍କ ସଫଳତାର ଶ୍ରେୟ ଦେଇଛନ୍ତି । ସେହିଭଳି ଦିଲ୍ଲୀ ଆଇଆଇଟିର ମୀନାଲ ପାରଖ ୬ ନମ୍ବର ରାଙ୍କ ସହ ଝିଅମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜେଇଇ ଆଡଭାନ୍ସଡରେ ୮୨ ନମ୍ବର ରାଙ୍କ ରଖି ଓଡିଶା ଟପ୍ପର ହୋଇଛନ୍ତି ଭୁବନେଶ୍ବରର ସାର୍ଥକ ବେହେରା । ସେ ଆଇଆଇଟି ଖଡଗପୁର ଜୋନରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତିଛ ଆଗକୁ ଜଣେ କମ୍ପ୍ୟୁଟର ଗେମ୍ ଡିଜାଇନର୍ ହେବାକୁ ସାର୍ଥକ ଇଚ୍ଛା ପ୍ରକାଶ କରିଛନ୍ତି । ଚଳିତବର୍ଷ ପ୍ରଥମ ଥର ପାଇଁ ଅନଲାଇନରେ ଜେଇଇ ଆଡଭାନ୍ସ ପରୀକ୍ଷା ହୋଇଥିଲା ୧ ଲକ୍ଷ ୫୫ ହଜାର ୧୫୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୧୮ ହଜାର ୧୩୮ ଜଣ ହୋଇଛନ୍ତି । ୨୦୧୮ରେ ଦେଶର ୭ଟି ଆଇଆଇଟି ଜୋନର ୨୩ଟି ଶିକ୍ଷାନୁଷ୍ଠାନରେ ପାଇଁ ହୋଇଥିଲା ଏହି ପରୀକ୍ଷା । ଏଥିରେ ୧୧ ହଜାର ୨୭୯ ଜଣ ଆଡମିଶନ କରିବେ ।

# ଯୁବତୀଙ୍କୁ ଏସିଡ୍ ମାଡ

ବାଲେଶ୍ୱର, ୧୦।୬ (ସକାଳ ଖବର): ବାଲେଶ୍ୱର ଜିଲ୍ଲାରେ ଆଜି ଜଣେ ଯୁବତୀ ଦିନ ଦ୍ୱିପ୍ରହରରେ ଏସିଡ୍ ଆକ୍ରମଣର ଶିକାର ହୋଇଛନ୍ତି । ଯୁବତୀ ଜଣକ ବାଲେଶ୍ୱର ରେଳ ଷ୍ଟେସନ୍ ନିକଟବର୍ତ୍ତି ଶୋଭାରାମପୁର ରେଳ ଫାଟକ ନିକଟରେ ଥିବା ଏକ ମାଂସ ଦୋକାନକୁ ଆସି ମାଂସ କିଣୁଥିବା ବେଳେ ଦୁଇ ଜଣ ଯୁବକ ବାଇକ୍ ରେ ଆସି ଏସିଡ୍ ମାଡ କରି ଫେରାର୍ ହୋଇଯାଇଥିଲେ । ଦୁର୍ବୃତ ମାନେ ମୁହଁରେ ପଟି ବାନ୍ଧିଥିବା ବେଳେ ବାଇକ୍ ର ନମ୍ବର ପ୍ଲେଟକୁ ମଧ କପଡ଼ାରେ ଆବୃତ କରି ରଖିଥିଲେ । ଯୁବତୀଙ୍କ ମୁହଁ ଓ ହାତ ପୋଡି ଯାଇଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏସିଡ୍ ଆକ୍ରମଣରେ ଆହତ ଯୁବତୀଙ୍କ ନାମ ମଧୁସ୍ମିତା ମହାପାତ୍ର (୩୦) ଏବଂ ତାଙ୍କ ଘର ଟାଉନ ଥାନା ଅନ୍ତର୍ଗତ ଗୋପାଳ ଗାଁରେ ବୋଲି ଜଣାପଡିଛି । ଏ ବାବଦରେ ପୀଡ଼ିତାଙ୍କ ମାମୁଁ ସହଦେବଖୁଂଟା ଥାନାରେ ଏତଲା କରିଛନ୍ତି । ଏତଲାକୁ ଭିତି କରି ଥାନା ପୋଲିସ ୧୭୭/୧୮ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ଯୁବତୀ ଜଣକ ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ । ତାଙ୍କ ସହିତ କିଛି ଯୁବକଙ୍କର ବ୍ୟବସାୟିକ ଶତୃତା ରହିଥିଲା । ଯାହାକୁ ନେଇ ଏହି ଘଟଣା ଘଟିଥିବା କୁହାଯାଉଛି । ପୋଲିସ ଏନେଇ ଅଧିକ ତଦନ୍ତ ଚଳାଇଛି ।

# œÿæàÿ{LÿæLÿ LÿÁÿèÿ ÓFÓAæÀÿ ¨ÀÿÔÿæÀÿ

## SæSæFÓ ÓÜÿ þ’ÿ f¯ÿ†ÿ, 3 SÀÿüÿ

# Ó¸Lÿ üÿÀÿ Óþ$œÿ Aµÿ¾æœÿ{Àÿ {Lÿ¢ÿ þ¦ê ™{þ¢ÿ ¨™æœÿ

¨{üÿÓÀÿ Aæ’ÿ†ÿ¿ ¨Óæ’ÿ
¨æ|ÿê, xÿ. É¿æþ Ó¢ÿÀÿ ™Àÿ,
¨’ÿÉê fê{†ÿ¢ÿ ÜÿÀÿ¨æàÿ, xÿ.
’ÿ©ë ¯ÿæÁÿæ ¨tœÿæßLÿ H Ý.
’ÿæÀÿLÿæ œÿæ$ œÿæßLÿZ {µÿs{àÿ

# {LÿsFþ ¨äÀÿ LÿÿsLÿ{Àÿ AæLÿÌ~êß Î+ {Óæ Aæ{ßæfœÿ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ’ÿLÿ : Aþ†ÿ Lÿþæ¿ þàÿLÿ